# ଜଳ ନିଅଣ୍ଟ ଯେତିକି, ଅପଚୟ ସେତିକି

## ରାୟଗଡ଼ାରେ ପାନୀୟ ଜଳ ସଙ୍କଟ

ରାୟଗଡ଼ା,୧୦।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ୨୪ଟି ୱାର୍ଡକୁ ସକାଳୁ ଓ ସନ୍ଧ୍ୟାରେ ୩ ଘଣ୍ଟା ଲେଖାଏ ପାଇପ୍ ଯୋଗେ ଜଳ ଯୋଗାଣ ହେଉଛି । ହେଲେ ଢିପ ଅଞ୍ଚଳରେ ଥିବା ବସ୍ତି ଓ ସାହିରେ ଗତ କିଛି ବର୍ଷ ହେବ ପାଣି ଯୋଗାଣରେ ସମସ୍ୟା ଦେଖାଦେଇଛି। ତେବେ ରାୟଗଡ଼ା ସହର ପାଇଁ ଦିନକୁ ୧୧.୫୬ ନିୟୁତ ଲିଟର ଜଳ ଆବଶ୍ୟକ ଥିବାବେଳେ ଯୋଗାଣ ହେଉଛି ୧୦.୫୦ ନିୟୁତ ଲିଟର। ୧.୦୬ ନିୟୁତ ଲିଟର ନିଅଣ୍ଟ ରହୁଥିବାରୁ ଅନେକ ସ୍ଥାନକୁ ଜଳ ଯୋଗାଣ ହୋଇପାରୁ ନ ଥିବା ବିଭାଗ ସଫେଇ ଦେଇଛି । କିନ୍ତୁ ବିଭାଗ ଯେତିକି ଜଳ ନିଅଣ୍ଟ ବୋଲି କହୁଛି, ସେହି ପରିମାଣର ଜଳ ପ୍ରତିଦିନ ନଷ୍ଟ ହେଉଥିବା ମତ ପ୍ରକାଶ ପାଉଛି । ଷ୍ଟାଣ୍ଡପୋଷ୍ଟ ଜରିଆରେ ହେଉଥିବା ଜଳ ଯୋଗାଣରେ ଅଧିକ ଜଳ ଅପଚୟ ହେଉଥିବା ଅଭିଯୋଗ ହୋଇଛି। ପିଏଚ୍‌ଡି ତରଫରୁ ଜଳ ଯୋଗାଣ ସମୟରେ ଲୋକଙ୍କ ସଚେତନତା ଅଭାବରୁ ଅନବରତ ଭାବେ ଜଳ ପ୍ରବାହିତ ହୋଇ ଡ୍ରେନ୍‌ରେ ପଡୁଛି । ସେହିପରି ଅନେକ ସ୍ଥାନରେ ଲୋକେ ଷ୍ଟାଣ୍ଡପୋଷ୍ଟ ଟ୍ୟାପ୍ ଭାଙ୍ଗିଦେଉଥିଲେ ମଧ୍ୟ ଏହାକୁ ମରାମତି କରାଯାଉ ନ ଥିବାରୁ ଅନବରତ ପାଣି ରାସ୍ତାରେ ଭାସୁଛି। କିଛି ସ୍ଥାନରେ ପାଇପ୍ ଫାଟିଯାଇଥିବା କାରଣରୁ ଘରଗୁଡ଼ିକୁ ଯୋଗାଣ ହେଉଥିବା ଜଳ ଦୂଷିତ ହେବାରେ ଲାଗିଛି । ତେବେ ରାୟଗଡ଼ା ସହରରେ ପାଣି ସମସ୍ୟା ବିଷୟରେ ନିର୍ବାହୀଯନ୍ତ୍ରୀ ସହଦେବ କିଷାନଙ୍କୁ ପଚାରିବାରୁ ମେଗା ଜଳ ପ୍ରକଳ୍ପ ଅଧୀନରେ ରାୟଗଡ଼ା ସହରରେ ୩୩ କୋଟି ଟଙ୍କା ବ୍ୟୟରେ ପିଏଚ୍‌ଡି କାର୍ଯ୍ୟାଳୟଠାରେ ଏକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି । ଏଥିସହ ସାଇପ୍ରିୟାନଗର, ନେହେରୁନଗର, ଅଶୋକନଗର ଏବଂ ରାଣୀଗୁଡ଼ା ଅଞ୍ଚଳରେ ୪ଟି ବୃହତ୍ ପାଣିଟାଙ୍କି ନିର୍ମାଣ କରାଯାଇଥିବା କହିଛନ୍ତି । ବର୍ତ୍ତମାନ ସେଗୁଡ଼ିକର ବିଦ୍ୟୁତ୍ ସଂଯୋଗୀକରଣ କାମ ଚାଲିଛି ଏବଂ ଜୁନ୍ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇଯିବ । ଏହାପରେ ସହରରେ ଆଉ ଜଳ ଯୋଗାଣ ସମସ୍ୟା ରହିବ ନାହିଁ ବୋଲି ନିର୍ବାହୀ ଯନ୍ତ୍ରୀ କିଷାନ କହିଛନ୍ତି ।

ରାୟଗଡ଼ା ସହରରେ ଜଳ ସମସ୍ୟା ମନୁଷ୍ୟକୃତ ବୋଲି ସର୍ବଦା ଅଭିଯୋଗ ହେଉଛି। କାରଣ ସହରର ଉଭୟ ପାର୍ଶ୍ୱରେ ନାଗାବଳୀ ଓ ଝଞ୍ଜାବତୀ ଭଳି ଦୁଇଟି ଚିରସ୍ରୋତା ନଦୀ ବୋହିଯାଇଛି । ଏହି ନଦୀର ଜଳ ରାୟଗଡ଼ା ସହରକୁ ଯୋଗାଣ ହୋଇଥାଏ। ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ବ୍ରାହ୍ମଣସାହିରେ ଥିବା ପିଏଚ୍‌ଡି କାର୍ଯ୍ୟାଳୟ ନିକଟରେ ୩ଟି ବ୍ୟାଙ୍କ ରହିଛି। ଝଞ୍ଜାବତୀ ନଦୀରୁ ଜଳ ଉଠାଯାଇ ସେଥିରେ ସଂରକ୍ଷଣ କରି ୫୦ ପ୍ରତିଶତ ଅଞ୍ଚଳକୁ ଜଳ ଯୋଗାଣ ହୋଇଥାଏ। ଗୋଟିଏର କ୍ଷମତା ୧୪ଲିଟର ହୋଇଥିବାବେଳେ ଅନ୍ୟ ଦୁଇଟିର କ୍ଷମତା ୭ଲକ୍ଷ ଲିଟର ଲେଖାଏ ରହିଛି । ୨୨ଟି ସ୍ଥାନରେ ଗଭୀର ନଳକୂଅ ଖନନ କରାଯାଇ ତାହାକୁ ସଂରକ୍ଷିତ ରଖି ଜଳ ଯୋଗାଣ ହେଉଛି । ୧୨ହଜାର ଘରକୁ ପାଇପ୍ ଲାଇନ୍ ପିଏଚ୍‌ଡି ତରଫରୁ ଦିଆଯାଇଛି । ପ୍ରାୟ ୨୦୦ ଷ୍ଟାଣ୍ଡପୋଷ୍ଟ ଏବଂ ୨୩୧ ନଳକୂଅ ସାହି ଓ ବସ୍ତି ଅଞ୍ଚଳରେ ଖନନ ହୋଇଥିବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ଏଣେ ଆହୁରି ହଜାର ସଂଖ୍ୟାରେ ପାଇପ ଲାଇନ ଘରକୁ ନେବା ପାଇଁ ଲୋକେ ଆବେଦନ କରିଛନ୍ତି। କିନ୍ତୁ ଏ ନେଇ ପିଏଚ୍‌ଡି ବିଭାଗ ଅନୁମତି ଦେଇ ନ ଥିବାରୁ ଚୋରାରେ ପାଇପ ଲାଇନ ସଂଖ୍ୟା ବଢ଼ିବାରେ ଲାଗିଛି, ଯଦ୍ୱାରା ଜଳଯୋଗାଣର ସ୍ରୋତ କମିଯାଉଛି । ଏହିସବୁ କାରଣରୁ ଇନ୍ଦିରା ନଗର, ଅଣ୍ଟାରିଗୁଡ଼ା, କସ୍ତୁରୀନଗର, ନେହେରୁନଗର, ଉତ୍କଳମଣିନଗର, ରାଣୀଗୁଡ଼ା ଆଦି ଅଞ୍ଚଳରେ ପ୍ରତିଦିନ ସାମାନ୍ୟ ପିଇବା ପାଣି ପାଇଁ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟୁଥିବା ଦେଖିବାକୁ ମିଳୁଛି ।



ଅଳିଆଗଦା ଓ ଡ୍ରେନ୍ ନିକଟରେ ରହିଥିବା ନଳକୂପ।



ମହିଳା ମହାବିଦ୍ୟାଳୟ ଛକ ନିକଟରେ ରହିଥିବା ଷ୍ଟାଣ୍ଡପୋଷ୍ଟ।

# ପଦ୍ମପୁରରେ ବିଜେଡିର ମିଶ୍ରଣ ପର୍ବ



ବିଜେଡିରେ ସାମିଲ ହୋଇଥିବା ନୂଆ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

ପଦ୍ମପୁର,୧୦।୪(ପ୍ରଶାନ୍ତ କୁମାର କର

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ରେ ବୁଧବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ତଥା ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସୁଧିର ଦାସଙ୍କ ଦୁର୍ଗୀସ୍ଥିତ ବାସଭବନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବହୁ ଭାଜପା ପ୍ରାର୍ଥୀ ବିଜେଡିରେ ସାମିଲ ହୋଇଛନ୍ତି। ଗୁଣପୁର ନିର୍ବାଚନ ମଣ୍ଡଳୀର ଆଶାୟୀ ଭାଜପା ପ୍ରାର୍ଥୀ ତଥା ଜିଲା ଆଦିବାସୀ ମୋର୍ଚ୍ଚାର ସଭାପତି ବିଜୟ କୃଷ୍ଣ ଶବର(ଟୁନା), ପୂର୍ବତନ ସମିତି ସଭ୍ୟ ତଥା ଜିଲା ଆଦିବାସୀ ମୋର୍ଚ୍ଚା ସମ୍ପାଦକ ବିଳାସିନୀ ଶବର, ପଦ୍ମପୁର ଲ୍ୟାମ୍ପସ ଡାଇରେକ୍ଟର ନୀଳକଣ୍ଠ ଶବର, ଭାଜପା ପଦ୍ମପୁର ମଣ୍ଡଳ ଉପସଭାପତି ଅରକ୍ଷିତ ଶବର ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଥିବା କହିଛନ୍ତି। ସୁଧୀର ଦାସ ବିଜେଡିରେ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ଗୁଣପୁର ନିର୍ବାଚନ ମଣ୍ଡଳୀ ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ବିଜେଡିର ବରିଷ୍ଠ ନେତା ଗଗନ ଆଚାର୍ଯ୍ୟ, ଜିଲା ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ସାହୁ, ପଦ୍ମପୁର ଲ୍ୟାମ୍ପସ ସଭାପତି ବୃନ୍ଦା ଶବର, ପଦ୍ମପୁର ବ୍ଲକ ବଜେଡି ସଭାପତି ପ୍ରଶାନ୍ତ ଦଳେଇ, ଜିଲା ସମ୍ପାଦକ ସନ୍ତୋଷ ପାଣିଗ୍ରାହୀଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# କାର୍‌ରୁ ୪ ଲକ୍ଷ ୫୦ ହଜାର ଟଙ୍କା ଜବତ

## ଜଣେ ବ୍ୟବସାୟୀ ନେଇ ଯାଉଥିଲେ

କୋରାପୁଟ/ନାରାୟଣପାଟଣା, ଲକ୍ଷ୍ମୀପୁର, ୧୦।୪ (ଅମିତାଭ ବେହେରା/ ରାଜ କିଶୋର ଜେନା/ ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁରରୁ ବୁଧବାର ରାତିରେ ଦାମନଯୋଡି ଯାଉଥିବା ଏକ ୱାଗନର କାରରୁ ୪ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି। ନିର୍ବାଚନ ପାଇଁ ବ୍ୟାପକ ପରିମାଣରେ ଟଙ୍କା ଚାଲାଣ କରାଯାଉଥିବା ନେଇ ସୂଚନା ପାଇ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇଙ୍କ ନେତୃତ୍ୱରେ ଏକ ଫ୍ଲାଇଂ ସ୍କ୍ୱାଡ ଲକ୍ଷ୍ମୀପୁର ଡିଡି ଘାଟ ନିକଟରେ ଗାଡିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଉପରୋକ୍ତ କାରରୁ ଜଣେ ବ୍ୟବସାୟୀଙ୍କଠାରୁ ଏହି ଟଙ୍କା ଜବତ ହୋଇଛି। ନେଉଥିବା ଟଙ୍କା ସମ୍ପର୍କରେ ବ୍ୟବସାୟୀ ଜଣକ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଏହାକୁ ଜବତ କରାଯାଇଥିଲା। ଜବତ ଏହି ଟଙ୍କା ଗୁରୁବାର କୋରାପୁଟ ଟ୍ରେଜେରିରେ ଦାଖଲ କରାଯିବ ବୋଲି ବିଡିଓ ଭୋଇ କହିଛନ୍ତି।

# ଅବସରପ୍ରାପ୍ତ ବିଇଓଙ୍କୁ ୩ ବର୍ଷ ଜେଲ

## ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଲାଞ୍ଚ ନେବା ମାମଲା

ଗୁଣପୁର,୧୦।୪ (ପ୍ରଦୀପ କୁମାର ପାଢ଼ୀ)

ଜୟପୁର ଭିଜିଲାନ୍ସ କୋର୍ଟ ବୁଧବାର ଜଣେ ଶିକ୍ଷକଙ୍କଠାରୁ ଲାଞ୍ଚ ନେବା ମାମଲାର ଶୁଣାଣିକରି ଅବସରପ୍ରାପ୍ତ ଗୁଣପୁରର ପୂର୍ବତନ ବିଇଓ ଅନ୍ତର୍ଯାମୀ ବେହେରାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡରେ ମଧ୍ୟ କୋର୍ଟ ତାଙ୍କୁ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବାକୁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ୧୧ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ୫୦ ପ୍ରତିଶତ ଏରିୟର କରିବା ଏବଂ ୨୯ ଜଣ ଶିକ୍ଷକଙ୍କ ସର୍ଭିସ୍‌ବୁକ୍ କାଗଜପତ୍ର ଭୁବନେଶ୍ୱର ଏଜି ଅଫିସକୁ ପଠାଇବା ପାଇଁ ବିଇଓ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନ୍ତର୍ଯାମୀ ବେହେରା ଟଙ୍କା ଦାବି କରିଥିଲେ। ଏହି ଘଟଣା ନେଇ ଅବସପ୍ରାପ୍ତ ଶିକ୍ଷକଙ୍କ ପକ୍ଷରୁ ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଅବସପ୍ରାପ୍ତ ଶିକ୍ଷକ ପ୍ରଭାତ ମହାପାତ୍ର ୧୦ ହଜାର ଟଙ୍କା ଧରି ବିଇଓ ବେହେରାଙ୍କ ଘରକୁ ଯାଇଥିଲେ। ୨୦୨୨ ମାର୍ଚ୍ଚ ୨ ରେ ବିଇଓ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଟଙ୍କା ନେଉଥିବା ସମୟରେ ରାୟଗଡ଼ା ଭିଜାଲାନ୍ସ ଟିମ୍ ସେଠାରେ ପହଞ୍ଚି ଲାଞ୍ଚ ଟଙ୍କା ଜବତ କରିବା ସହ ବିଇଓ ବେହେରାଙ୍କୁ ଗିରଫ କରିଥିଲେ। ଏଥିସହ ତାଙ୍କ ନିକଟରୁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଭିଜିଲାନ୍ସ ଟିମ୍ ଜବତ କରିଥିଲେ। ରାୟଗଡ଼ା ଡିଏସ୍‌ପି ସୁରେନ୍ଦ୍ର ନାଥ ରାଇଗୁରଙ୍କ ଅଧକ୍ଷତାରେ ଭିଜିଲାନ୍ସ ଟିମ୍ ଗୁଣପୁର ଆସି ଚଢ଼ାଉ କରିଥିଲେ। ଭିଜିଲାନ୍ସ ଥାନା କେସ୍ ନଂ.୪/୨୦୨୨ କ୍ରମେ ବିଇଓ ବେହେରାଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା।



ଗୁଣପୁର ବିଇଓଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍‌ର ତଦନ୍ତ । (ଫାଇଲ ଫଟୋ)

# ନାଳରୁ ମହିଳାଙ୍କ ଗଳିତ ମୃତଦେହ ଜବତ

ଟିଂକିରି, ୧୦।୪(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ଟିଂକିରି ଥାନା ଅନ୍ତର୍ଗତ ସୋରିଷପଦର ନାଳରୁ ମଙ୍ଗଳବୁଧବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ଜଣଙ୍କ ହେଲେ ମୁଷୁରିପଦର ଗ୍ରାମର ମୁନା ମାଝିଙ୍କ ସ୍ତ୍ରୀ ସିମ ମାଝି। କାଶୀପୁର ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଟିଂକିରି ଥାନା ଅଧିକାରୀ ବିଶ୍ୱାବନ୍ଦିନୀ ବାଘ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସିମ ମାଝି ୨ ପୁଅ ଓ ସ୍ୱାମୀଙ୍କ ସହିତ ମୁଷୁରିପଦରରେ ତାଙ୍କ ସ୍ୱାମୀଙ୍କ ଘରେ ରହିଆସୁଥିଲେ । କିଛିବର୍ଷ ପୂର୍ବେ ତାଙ୍କ ସ୍ୱାମୀ ମୁନାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ସ୍ୱାମୀଙ୍କ ହତ୍ୟା ପରେ ସିମଙ୍କ ମାନସିକ ସନ୍ତୁଳନ ବିଗିଡ଼ିଯାଇଥିଲା। ଏହି ଘଟଣା ପରେ ସିମ ମାଝିଙ୍କର ପିତା କାଙ୍ଗୁ ମାଝି ଝିଅର ଦେଖାଶୁଣା ପାଇଁ ନାକଟିଗୁଡାସ୍ଥିତ ନିଜ ଘରେ ରଖି ଯତ୍ନ ନେଇ ଆସୁଥିଲେ। ହେଲେ ୨ ଦିନ ତଳେ ସିମ ମାଝି ଘରୁ କେଉଁଆଡେ ପଳାଇଥିଲେ, ତାଙ୍କର ଆଉ କୌଣସି ଖୋଜଖବର ମିଳି ନ ଥିଲା । ମଙ୍ଗଳବାର ସନ୍ଧ୍ୟାରେ ସୋରିଷପଦରରେ ଥିବା ଏକ ପରିତ୍ୟକ୍ତ ନାଳରେ ତାଙ୍କ ମୃତଦେହ ଭାସୁଥିବା ଲୋକେ ଦେଖି ପରିବାର ଲୋକଙ୍କୁ ଖବରଦେଇଥିଲେ । ଏ ସଂକ୍ରାନ୍ତରେ ସିମଙ୍କ ଭାଇ ପର୍ଶୁରାମ ମାଝି ମଙ୍ଗଳବାର ଟିଂକିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଟିଂକିରି ପୋଲିସ ବୁଧବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରଥିଲା।

# ଟିଂକିରିରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

ଟିଂକିରି,୧୦।୪ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିଂକିରି ଏବେ ବ୍ୟବସାୟ କେନ୍ଦ୍ରସ୍ଥଳୀ ପାଲଟିଛି। ପ୍ରତିଦିନ ଉକ୍ତ ଅଞ୍ଚଳକୁ ହଜାର ହଜାର ଲୋକ ଯିବାଆସିବା କରୁଛନ୍ତି। ହେଲେ ଟିଂକିରିରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଶ୍ରାମଗୃହ ନ ଥିବାରୁ ଉହଡହ ଖରା କିମ୍ବା ବର୍ଷାରେ ଲୋକଙ୍କୁ ଗଛମୂଳେ କିମ୍ବା କୌଣସି ଦୋକାନ ପିଣ୍ଡାରେ ବସ୍‌କୁ ଅପେକ୍ଷା କରିବାକୁ ପଡୁଛି। ଏହାସହ ଯାତ୍ରୀମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ମଧ୍ୟ ହୋଇପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୋରାଗୁଡ଼ାରେ ଏକ କମ୍ପାନୀ ରହିଥିବାବେଳେ ଏହି ଅଞ୍ଚଳ ବାହାର ରାଜ୍ୟରୁ ଅନେକ ଟ୍ରକ୍ ଆସିଥାଏ। ତେବେ ଡ୍ରାଇଭରମାନେ ପିଇବା ପାଣି ପାଇଁ ବହୁ ଅସୁବିଧା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଟିଂକିରିରେ ଏକ ବସ୍‌ଷ୍ଟାଣ୍ଡ ଓ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ଦାବି ହୋଇଛି।

# ଶେଷ ମୁହୂର୍ତ୍ତରେ ବାତିଲହେଲା ନିର୍ବାଚନ ପ୍ରଦର୍ଶନୀ ମେଳା




ନିର୍ବାବାଚନ ପ୍ରଦର୍ଶନୀ ମେଳା ପାଇଁ ପ୍ରସ୍ତୁତ ହୋଇଥିବା ତୋରଣ।

ଗୁଣୁପୁର,୧୦।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ପାଠାଗାରରେ ବୁଧବାର ସନ୍ଧ୍ୟାରେ ନିର୍ବାବାଚନ ପ୍ରଦର୍ଶନୀ ମେଳା ଲୋକାର୍ପଣ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ରାୟଗଡା ଜିଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତ ରହି କାର୍ଯ୍ୟକ୍ରମର ଲୋକାର୍ପଣ ପାଇଁସ୍ଥିର ହୋଇଥିଲା। ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସମସ୍ତ ପ୍ରସ୍ତୁତି ମଧ୍ୟ ସରିଥିଲା । ବାଦ୍ୟଯନ୍ତ୍ର ସହ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆସିଥିଲେ। ଏଥିସହ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । କିଛି ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ ପାଇଁ ସଜ୍ଜିତ ହୋଇ ଅପେକ୍ଷାରେ ରହିଥିଲେ। ସୂଚନା ପାଇ ଖବରଦାତାମାନେ ମଧ୍ୟ ପ୍ରଚାରପ୍ରସାର କରାଇବା ପାଇଁ ଅପେକ୍ଷା କରିଥିଲେ। ଏତେ ସବୁ କାର୍ଯ୍ୟକ୍ରମ ହେବାପରେ ଆୟୋଜନ ସବୁ ଫସର ଫାଟିଥିଲା। ଶେଷରେ ଅନିବାର୍ଯ୍ୟ କାରଣ ହେତୁ କାର୍ଯ୍ୟକ୍ରମକୁ ବାତିଲ କରାଗଲା ବୋଲି ସୂଚନା ଦିଆଯାଇଥିଲା। ଲୋକାର୍ପଣ ନ ହେବାରୁ ସମସ୍ତେ ନିରାଶ ହୋଇ ଫେରିଥିଲେ।

# ଚୋରି ମାମଲାରେ ୬ ଗିରଫ

ଲକ୍ଷ୍ମୀପୁର, ୧୦।୪ (ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଭିତରଗଡ ଗ୍ରାମର ମଧୁମାଳିଙ୍କ ଘରୁ ଗତ ୩୦ ତାରିଖ ରାତିରେ ୬ଭରି ସୁନାଗହଣା,୧୦ ହଜାର ଟଙ୍କା ଚୋରି ହୋଇଥିଲା। ଏନେଇ ମଧୁ କାକିରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୪/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରିଥିଲେ। ଏବେ ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି।

# ୨୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଗୁଡାରି,୧୦।୪ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକର ରାମନଗର ଗ୍ରାମ ନିକଟରୁ ଗୁଡାରି ପୋଲିସ ୨୫.୨ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଇଛି। ଗୁଡାରି ପୋଲିସ ପାଟ୍ରୋଲିଂ କରିବା ସମୟରେ ରାମନଗର ଗ୍ରାମ ନିକଟରେ ଜଣେ ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ତାଙ୍କ ବ୍ୟାଗେ ଯାଞ୍ଚ କରି ଗଞ୍ଜେଇ ଜବତ କରିଥିଲା। ଏ ସମ୍ପର୍କରେ ଗୁଡାରି ଥାନାରେ କେଶ ନମ୍ବର୩୮/୨୦୨୪ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି।



# ଭାଜପା ପ୍ରାର୍ଥିତ୍ୱକୁ ବିରୋଧକରି ନେତା, କର୍ମୀଙ୍କ ଇସ୍ତଫା

## ୨୦୦୯ରୁ ଦଳ ଆମଦାନୀ ନେତାଙ୍କୁ ପ୍ରାର୍ଥୀ କରୁଥିବା ଅଭିଯୋଗ

ଗୁଣପୁର,୧୦।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ଛାଡି ଭାଜପାକୁ ଆସିଥିବା ତ୍ରିନାଥ ଗମାଙ୍ଗଙ୍କ ପ୍ରାର୍ଥିତ୍ୱକୁ ନେଇ ବିଦ୍ରୋହ ଦେଖାଦେଇଛି। ଦଳଡିଆଁ ତଥା ଆମଦାନୀ ହୋଇଥିବା ନେତାଙ୍କୁ ବିରୋଧକରି ବୁଧବାର ବହୁ ଦଳୀୟ ନେତା ଏବଂ କର୍ମୀ ଦଳରୁ ଇସ୍ତଫା ଦେଇଛନ୍ତି। ଆଦିବାସୀ ମୋର୍ଚ୍ଚାର ଜିଲା ସଭାପତି ତଥା ବିଧାନସଭା ଆଶାୟୀ ପ୍ରାର୍ଥୀ ବିଜୟକୃଷ୍ଣ ଶବର ତାଙ୍କର ସମର୍ଥକ ତଥା ଦଳୀୟ କର୍ମୀଙ୍କ ସହ ଦଳରୁ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦଳୀୟ ନେତା ଓ କର୍ମୀ ଦୀର୍ଘ ବର୍ଷ ଧରି ଦଳ ପାଇଁ କାମ କରୁଛନ୍ତି ହେଲେ, ନିର୍ବାଚନ ସମୟରେ ଆମଦାନୀ ନେତାଙ୍କୁ ପ୍ରାର୍ଥୀ କରାଯାଉଥିବାରୁ ଦଳୀୟ ନେତାଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି।

ଗୁଣପୁର ନିର୍ବାଚନ ମଣ୍ଡଳୀରେ ଭାଜପା ଦଳୀୟ ସଂଗଠନ ନୈରାଶ୍ୟଜନକ ରହିଛି। ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଫଳରେ ପ୍ରତ୍ୟେକ ନିର୍ବାଚନ ସମୟରେ ଦଳ ଆମଦାନୀ ନେତାଙ୍କୁ ହିଁ ପ୍ରାର୍ଥୀ କରୁଛି। ସେମାନେ କିଛି ଦିନ ରହୁଛନ୍ତି, ପୁଣି ଫେରି ଯାଉଛନ୍ତି। ଫଳରେ ଏଠାରେ ନେତାମାନେ ଆଗକୁ ବଢି କାମ କରିବାକୁ ପସନ୍ଦ କରୁ ନ ଥିବା ଆଲୋଚନା ହେଉଛି। ଅନ୍ୟପଟେ ସ୍ଥାନୀୟ ନେତାମାନେ ମଧ୍ୟ ରାଜ୍ୟ ନେତୃତ୍ୱଙ୍କ ନିକଟରେ ଆସ୍ଥାଭାଜନ ହୋଇପାରୁନାହାନ୍ତି। ଫଳରେ ସ୍ଥାନୀୟ ଦଳୀୟ ନେତାଙ୍କୁ ବାଦ୍ ଦେଇ ଆମଦାନୀ ନେତାଙ୍କ ଉପରେ ରାଜ୍ୟ ନେତୃତ୍ୱ ଭରସା କରୁଛନ୍ତି। ୨୦୦୦ରେ ମେଣ୍ଟ ସରକାରରେ ଭାଜପାର ରାମମୂର୍ତ୍ତି ଗମାଙ୍ଗ ବିଜୟୀ ହୋଇଥିଲେ। ସେବେଠାରୁ ଦଳ ଦିନକୁ ଦିନ ରସାତଳ ହେବାରେ ଲାଗିଛି। ୨୦୦୯ରେ ଦଳର ଅନେକ ଆଶାୟୀ ଥିଲେ ମଧ୍ୟ ବିଜେଡିରୁ ଆସିଥିବା ଅଶ୍ୱିନୀ ଗମାଙ୍ଗଙ୍କୁ ଭାଜପା ପ୍ରାର୍ଥୀ କରିଥିଲା। ସେ ୧୨, ୪୪୧ ଭୋଟ ପାଇ ୪ର୍ଥ ସ୍ଥାନରେ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଦଳ ଛାଡି ପୁଣି ବିଜେଡିକୁ ଚାଲିଯାଇଥିଲେ। ୨୦୧୪ରେ ପୁଣି ସମାନ ସ୍ଥିତି ଉପୁଜିଥିଲା। ବିଜେଡିରୁ ଆସିଥିବା ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ଭାଜପା ପ୍ରାର୍ଥୀ କରିଥିଲା। ସେ ୧୫,୫୯୬ ଭୋଟ ପାଇଥିଲେ ମଧ୍ୟ ପରେ ଦଳ ଛାଡି ଚାଲିଯାଇଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡି ବିଧାୟକ ରାମମୂର୍ତ୍ତି ମୁତ୍ତିକା ଭାଜପାକୁ ଆସିଥିଲେ। ସେ ଦଳରେ ରହି ସଂଗଠନ କରିଥିଲେ। ହେଲେ ଦଳରେ ଥିବା ଅନ୍ୟତମ ନେତା ଶିଶିର ଗମାଙ୍ଗଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେ ୧୬,୪୯୧ ଭୋଟ ପାଇ ୪ର୍ଥ ସ୍ଥାନରେ ରହିଥିଲେ। ଏପରି ଦଳର ସଂଗଠନ ଅଭାବ ସହ ଭୋଟ କମୁଥିବାବେଳେ ପୁଣି ଥରେ ନିର୍ବାଚନ ମଇଦାନରେ ଦଳ ଏଥର ତ୍ରିନାଥ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଛି। ସେ ୨୦୧୪ରେ ବିଜେଡିର ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡିରୁ ଟିକେଟ ନ ପାଇବା ପରେ ସ୍ୱାଧୀନ ଭାବେ ଲଢ଼ିଥିଲେ । ସେ ୧୭.୭୨% ଯଥା ୨୬,୩୨୧ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ହେଲେ ସେହି ସମୟରେ ତାଙ୍କ ସହ ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡଙ୍କ ସଫଳ ଗୋଟି ଚାଳନା ରହିଥିଲା। ବର୍ତ୍ତମାନ ଜିଲା ଏବଂ ରାଜ୍ୟ ନେତୃତ୍ୱ ଦଳକୁ ଏଠାରେ କିପରି ନେଉଛନ୍ତି ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଲା।

# ପ୍ରଚାରରେ କଂଗ୍ରେସ ଆଗୁଆ

## ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ, ଭାଜପାର ହୋଇନି ପ୍ରାର୍ଥୀ ଘୋଷଣା

ରାୟଗଡ଼ା,୧୦।୪(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ରାୟଗଡ଼ା ଜିଲାରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ସୋରରେ ଆଗେଇଛି। କଂଗ୍ରେସ ପକ୍ଷରୁ ରାୟଗଡ଼ା ଆସନରେ ଆପଲାସ୍ୱାମୀ କାଡ୍ରାକା ଓ ବିଷମକଟକ ଆସନରେ ନୀଳମାଧବ ହିକ୍‌କାଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଚାର ଶେଷ ହେବାକୁ ଯାଉଛି। କଂଗ୍ରେସ ପ୍ରାର୍ଥୀ ଆପଲାସ୍ୱାମୀ ଓ ନୀଳମାଧବ ଅଧିକ ସମର୍ଥକ ଧରି ଗହଳି କରିବା ପରିବର୍ତ୍ତେ ଅଳ୍ପ କିଛି ସ୍ଥାନୀୟ ସମର୍ଥକଙ୍କ ଗହଣରେ ଗାଁକୁ ଗାଁ ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଉଭୟ ଆପଲାସ୍ୱାମୀ ଓ ନୀଳମାଧବ ଗତଥର ନିର୍ବାଚନରେ ପରାଜିତ ହୋଇଥିବା କଥା ଭୋଟରଙ୍କୁ ଜଣାଇ ଭାବାତ୍ମକ ଢଙ୍ଗରେ ପ୍ରଚାର କରୁଛନ୍ତି, ଯାହାକି ଭୋଟରଙ୍କ ମନକୁ ଛୁଇଁବାରେ ସହାୟକ ହେଉଥିବା ପରିଲକ୍ଷିତ ହୋଇଛି। ଅନେକ ସ୍ଥାନକୁ ଏମ୍‌ପି ସପ୍ତଗିରି ଉଲାକା ବିଧାୟକ ପ୍ରାର୍ଥୀଙ୍କ ସହ ଯାଇ ବିଭିନ୍ନ ଗାଁ ମୁଖିଆଙ୍କ ସହିତ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି। ବିଜେଡି ଓ ଭାଜପା ନିଜର ପ୍ରଥମ ପର୍ଯ୍ୟାୟ ପ୍ରଚାର ଆରମ୍ଭ କରିବାକୁ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏଭଳିକି ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ଓ ଭୋଟରଙ୍କୁ ଆକୃଷ୍ଟ କରିବା ରଣକୌଶଳ ତାଲିମ ଦିଆଯାଇଛି। କଂଗ୍ରେସ ଭବନରେ ମାଷ୍ଟର ଟ୍ରେନରମାନେ ପ୍ରାର୍ଥୀଙ୍କୁ ତାଲିମ ଦେଇଥିଲେ। ଏହା ପ୍ରାର୍ଥୀଙ୍କ ଉତ୍ସାହ ବଢାଇଥିବା ଆଲୋଚନା ହେଉଛି। କାରଣ ଆଗକୁ ବହୁ ଷ୍ଟାର କ୍ୟାମ୍ପେନର ଏହି ଜିଲାକୁ ପ୍ରଚାର ପାଇଁ ଆସିବେ। ଅନ୍ୟପକ୍ଷରେ ରାୟଗଡ଼ା ବିଧାନସଭା ଆସନ ପାଇଁ ବର୍ତ୍ତମାନ ସୁଦ୍ଧା ଭାଜପାର ପ୍ରାର୍ଥୀ ଘୋଷଣା ହୋଇନାହିଁ । ଫଳରେ କାହାକୁ ଟିକେଟ ମିଳିବ ସେ ଆଶାରେ ପ୍ରଚାର ଆରମ୍ଭ କରିପାରୁନାହାନ୍ତି ପ୍ରାର୍ଥୀ । ଜିଲାର ୩ ନିର୍ବାଚନମଣ୍ଡଳୀ ରାୟଗଡ଼ା, ଗୁଣପୁର ଓ ବିଷମକଟକ ମଧ୍ୟରୁ କେବଳ ଗୁଣପୁର ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଭାଜପା। ଗୁଣପୁରରୁ ତ୍ରିନାଥ ଗମାଙ୍ଗ ପ୍ରାର୍ଥୀ ହୋଇଛନ୍ତି। ତେବେ ଭାଜପାର ଅଙ୍କକଷା ଛିଡ଼ି ନ ଥିବାରୁ ରାୟଗଡ଼ା ଓ ବିଷମକଟକ ଆସନରେ ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ ଆଭ୍ୟନ୍ତରୀଣ ବିବାଦ ତୁଟି ନ ଥିବାରୁ ବିଜେଡିର ପ୍ରଚାର ମଧ୍ୟ ଆରମ୍ଭ ହୋଇନାହିଁ। ତେବେ ବିଜେଡି ଓ ଭାଜପା କେବେ ପ୍ରଚାରକୁ ଓହ୍ଲାଇବେ ତା' ଉପରେ ସମସ୍ତଙ୍କ ନଜର ରହିଛି ।



କୋରାପୁଟ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଉଲାକା କର୍ମୀଙ୍କ ସହ ପ୍ରଚାର କରୁଛନ୍ତି।

## ସଂକ୍ଷେପରେ

### କଲାଗୁଡ଼ାରେ ଆଇନ ସଚେତନତା ଶିବିର

ଜୟପୁର,୧୦।୪(ପବନ ପାଣିଗ୍ରାହୀ)– ଜିଲା ଆଇନ ଆଇନସେବା ପ୍ରାଧିକରଣ ଜୟପୁର ପକ୍ଷରୁ ବୁଧବାର ଗଡ଼ପଦର ପଞ୍ଚାୟତର କଲାଗୁଡ଼ା ଗ୍ରାମରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଚିବ ସୁମନ ଜେନା, ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କେ. ଦିବାକର ରାଓ ଏବଂ ହରିଶ ଚନ୍ଦ୍ର ମୁଦୁଲି ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କୁ ଏଫଆଇଆର, ସମନ, ସିଆରପିସି, ପ୍ରି. ବାରଗିଁନଂ ଏବଂ ୱରେଣ୍ଟ ମାମଲା ଉପରେ ସଚେତନ କରାଯାଇଥିଲା। ଯେ କୌଣସି ଆଇନଗତ ସମସ୍ୟାର ସମ୍ମୁଖିନ ହେଲେ ଜନସାଧାରଣ ଜିଲା ଆଇନସେବା ପ୍ରାଧିକରଣର ସହାୟତା ନେଇପାରିବେ ବେପଲି ଅବଗତ କରାଯାଇଥିଲା।

### ଟିପିଏସ୍‌ଓଡିଏଲ୍ ପକ୍ଷରୁ ମୌଳିକତାକୁ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ

ଜୟପୁର,୧୦।୪(ପବନ ପାଣିଗ୍ରାହୀ)– ଟିପି ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ୍ ଆନୁକୂଲ୍ୟରେ ମୌଳିକତାକୁ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଜୟନଗରସ୍ଥିତ ଏକ କଲ୍ୟାଣମଣ୍ଡପରେ ବୁଧବାର ଉଦ୍‌ଘାଟିତ ହୋଇଛି। ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ୩ ମାର୍ଚ୍ଚରୁ ଅପ୍ରିଲ ୧୦ ପର୍ଯ୍ୟନ୍ତ ଜୟପୁର ମଣ୍ଡଳର ପ୍ରତ୍ୟେକ ବିଭାଗରେ ବିଭିନ୍ନ ସୁରକ୍ଷାମୂଳକ କାର୍ଯ୍ୟକ୍ରମ କରାଯାଇଛି। ୫୩ତମ ଜାତୀୟ ସୁରକ୍ଷା ସପ୍ତାହର ବିଷୟବସ୍ତୁ 'ସୁରକ୍ଷା ନେତୃତ୍ୱ ଉପରେ ଧ୍ୟାନ ଦେଇ ଇଏସ୍‌ଜି ଉତ୍କୃଷ୍ଟତା ପାଇଁ ଚେଷ୍ଟା କରିବା' ଥିଲା। ଏହି କାର୍ଯ୍ୟକ୍ରମରେ ଜୟପୁର ବିଦ୍ୟୁତ୍ ମଣ୍ଡଳର ଡିଜିଏମ୍ ମନ୍ମଥନାଥ ମିଶ୍ର, ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ,ଦୀପକ ସିଂ ଓ ହୃଦୟ ବଲ୍ଲଭ ପ୍ରଧାନ ଉପସ୍ଥିତ ରହି ବିଭିନ୍ନ ସୁରକ୍ଷା ସମ୍ବନ୍ଧିତ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀ ଓ ସର୍ବଦା ସୁରକ୍ଷାତ୍ମକ ଓ ଗୁଣାତ୍ମକ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବୈଦ୍ୟୁତିକ ସୁରକ୍ଷା ସଚେତନତାଭିତ୍ତିକ ନାଟକ ପରିବେଷଣ ହୋଇଥିଲା। ନାଟ୍ୟକାର ଇଂ. ସୌମ୍ୟରଞ୍ଜନ ଲେଙ୍କା ନାଟକ ରଚନା କରିଥିଲେ। ସଜିତ୍ ସ୍ୱାଇଁ, ଅଶୋକ ସ୍ୱାଇଁ, ରଶ୍ମିରଞ୍ଜନ ସାହୁ, ଶିବଶଙ୍କର ପଟ୍ଟନାୟକ, ସନାତନ ସ୍ୱାଇଁ, ରାଜେଶ ବେହେରା ଓ ବିଜୟ ଜେନା ଏଥିରେ ଅଭିନୟ କରିଥିଲେ।

ମୌଳିକତାକୁ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଅବସରରେ ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରା ଯୋଗଦେଇ ଜଟିଳତାରେ ସଫଳ ହେବା ପାଇଁ ସରଳତା ଉପରେ ଧ୍ୟାନ ଦେବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜୀବନ ଜ୍ୟୋତି ମିଶ୍ର, ଜ୍ଞାନରଞ୍ଜନ ରାଉତ, ଆଲୋକ ନାୟକ ଓ ମୋହର ସାହ ସହଯୋଗ କରିଥିଲେ। ଉପସ୍ଥିତ ଥିବା ଅନ୍ୟ ଉଚ୍ଚ ଅଧିକାରୀମାନେ ହେଲେ ସନ୍ତୋଷ ମହାନ୍ତି, ପରିମଳ ପଲ, ରାଜେଶ ସାହୁ ,ସନ୍ଦୀପ ପଟ୍ଟନାୟକ, ସୁଶୀଲ ନାୟକ, ମହେନ୍ତସ କୁମ୍ଭାର, ରଞ୍ଜନ ମଲ୍ଲିକ, ବିଚିତ୍ର ବେହେରା, ଗୁପ୍ତେଶ୍ୱର ଖେତି, ଶଙ୍କର ଜେନା, ମହେନ୍ଦ୍ର ପରିଡ଼ା, ଜଗଦିଶ ବେହେରା ଓ ପ୍ରଭୁଦାସ ମଲ୍ଲିକ।

# ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ

**ଖେଳ ପଡ଼ିଆ ନିର୍ମାଣରେ ଅର୍ଥ ହେରଫେର ଅଭିଯୋଗ**

ଦଶମନ୍ତପୁର,୧୦।୪ (ଅରବିନ୍ଦ ନାୟକ)


ଗ୍ରାମବାସୀ ଭିଜିଲାନ୍ସ ତଦନ୍ତ ଦାବି କରୁଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଏଜିଏନଆରଇଜିଏସ୍‌ରେ ପାହାଡ ଉପରେ ଖେଳପଡିଆ ନିର୍ମାଣ କରି ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ବିନା କାମରେ ଜିଓ ଟେକ୍ କରି ଶ୍ରମିକ ନାଁରେ ଟଙ୍କା ଉଠାଇ ହଡପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକର ପିଣ୍ଡାପଦର ପଞ୍ଚାୟତର ଚିନ୍ଦରଯୋଡି ଗ୍ରାମରେ ଏପରି ଦେଖିବାକୁ ମିଳିଛି।

ଖବରରୁ ଜଣାପଡିଛି, ଏହି ଗାଁରେ ୨୫ ପରିବାର ବସବାସ କରନ୍ତି। ଗାଁରେ କୌଣସି ବିଦ୍ୟାଳୟ ନାହିଁ। ମାତ୍ର ପିଲାଙ୍କ ପାଇଁ ଖେଳ ପଡିଆ ନିର୍ମାଣ କରାଯାଇ ୫ ଲକ୍ଷ ଟଙ୍କା ହଡପ କରାଯାଇଥିବା ଗାଁର ହେଡୁ ଦିଶାରି, ରଘୁନାଥ ସାଉନ୍ତା, ଧନ ଦିଶାରି, ମନବୋଧ ସାଉନ୍ତା ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଗତ ଦୁଇ ବର୍ଷ ତଳେ ଏହି କାମ ହୋଇଥିଲା। ଜେସିବି ଲଗାଇ ମାତ୍ର ୫/୬ ଘଣ୍ଟା କାମ କରାଯାଇଥିଲା। ଚିନ୍ଦରଯୋଡି ଗାଁର କେତେକ ଶ୍ରମିକ ଏବଂ ଅନ୍ୟ ଗାଁର ଶ୍ରମିକଙ୍କ ନାଁରେ କାମ କରାଯାଇଥିବା ଦର୍ଶାଇ ଅର୍ଥ ହଡପ କରାଯାଇଛି। ୭୫ ଜଣ ଶ୍ରମିକଙ୍କ ନାଁରେ ୪ ଲକ୍ଷ ୩ ୬୩୭ ଟଙ୍କା ଉଠାଇ ଆତ୍ମସାତ କରାଯାଇଥିବା ଜଣାପଡିଛି। କେବେଳ ଏହି ଗାଁ ନୁହେଁ ଏହି ପଞ୍ଚାୟତ ଅଧୀନରେ ଥିବା ଅନ୍ୟ ଗ୍ରାମଗୁଡିକରେ ଖେଳ ପଡିଆ ନିର୍ମାଣରେ ମଧ୍ୟ ଅନିୟମିତତା ହୋଇଛି। ତେବେ ଏଜିଏନଆରଇଜିଏସ୍‌ରେ କାର୍ଯ୍ୟ ତଦାରଖ ଅଧିକାରୀ ମାନେ କାମ ନ ଦେଖି କିପରି ବିଲ୍ ପାସ୍ କରୁଥିଲେ ସେନେଇ ପ୍ରଶ୍ନବାଚୀ ସଅଷ୍ଟି ହୋଇଛି। ତୁରନ୍ତ ଏହାର ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଏପିଓ ଶକ୍ତି ନାୟକଙ୍କୁ ୯୯୩୭୨ ୨୯୯୪୬ ନମ୍ବରରେ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ଫୋନ୍ ସୁଇଚ୍ ଅପ୍ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏ ସମ୍ପର୍କରେ ବିଡ଼ିଓ ମିଲନ ଝାଙ୍କରଙ୍କୁ ପଚାରିବାରୁ ସେ କହିଲେ ମୁଁ ଏଠାରେ ଯୋଗଦେବାର ବର୍ଷେ ହୋଇଛି। ଏହା ଆଗରୁ କଣ ହୋଇଛି ଜାଣିନି, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଝାଙ୍କର କହିଥିଲେ।

# କାର୍‌ରୁ ୪ ଲକ୍ଷ ୫୦ ହଜାର ଟଙ୍କା ଜବତ

କୋରାପୁଟ/ନାରାୟଣପାଟଣା, ଲକ୍ଷ୍ମୀପୁର, ୧୦।୪ (ଅମିତାଭ ବେହେରା/ ରାଜ କିଶୋର ଜେନା/ ଅନନ୍ତ ନାୟକ)

**ଜଣେ ବ୍ୟବସାୟୀ ନେଇ ଯାଉଥିଲେ**



କୋରାପୁଟ ଜିଲା ଲକ୍ଷ୍ମୀପୁରରୁ ବୁଧବାର ରାତିରେ ଦାମନଯୋଡି ଯାଉଥିବା ଏକ ୱାଗନର କାରରୁ ୪ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି। ନିର୍ବାଚନ ପାଇଁ ବ୍ୟାପକ ପରିମାଣରେ ଟଙ୍କା ଚାଲାଣ କରାଯାଉଥିବା ନେଇ ସୂଚନା ପାଇ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇଙ୍କ ନେତୃତ୍ୱରେ ଏକ ଫ୍ଲାଇଂ ସ୍କ୍ୱାଡ ଲକ୍ଷ୍ମୀପୁର ଡିଡି ଘାଟ ନିକଟରେ ଗାଡିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଉପରୋକ୍ତ କାରରୁ ଜଣେ ବ୍ୟବସାୟୀଙ୍କଠାରୁ ଏହି ଟଙ୍କା ଜବତ ହୋଇଛି। ନେଉଥିବା ଟଙ୍କା ସମ୍ପର୍କରେ ବ୍ୟବସାୟୀ ଜଣକ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଏହାକୁ ଜବତ କରାଯାଇଥିଲା। ଜବତ ଏହି ଟଙ୍କା ଗୁରୁବାର କୋରାପୁଟ ଟ୍ରେଜେରିରେ ଦାଖଲ କରାଯିବ ବୋଲି ବିଡିଓ ଭୋଇ କହିଛନ୍ତି।

# ଅବସରପ୍ରାପ୍ତ ବିଇଓଙ୍କୁ ୩ ବର୍ଷ ଜେଲଦଣ୍ଡ

**ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଲାଞ୍ଚ ନେବା ମାମଲା**

ଜୟପୁର/ଗୁଣପୁର,୧୦।୪ (ପବନ ପାଣିଗ୍ରାହୀ/ ପ୍ରଦୀପ କୁମାର ପାଢ଼ୀ)


ଗୁଣପୁର ବିଇଓଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍‌ର ତଦନ୍ତ । (ଫାଇଲ ଫଟୋ)

ଜୟପୁର ଭିଜିଲାନ୍ସ କୋର୍ଟ ବୁଧବାର ଜଣେ ଶିକ୍ଷକଙ୍କଠାରୁ ଲାଞ୍ଚ ନେବା ମାମଲାର ଶୁଣାଣିକରି ଅବସରପ୍ରାପ୍ତ ଗୁଣପୁରର ପୂର୍ବତନ ବିଇଓ ଅନ୍ତର୍ଯାମୀ ବେହେରାଙ୍କୁ ୩ ବର୍ଷ ସଶ୍ରମ କାରାଦାଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡରେ ମଧ୍ୟ କୋର୍ଟ ତାଙ୍କୁ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ମାସ ସଶ୍ରମ କାରାଦାଣ୍ଡରେ ଦଣ୍ଡିତ କରାଯିବାକୁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ୧୧ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ୫୦ ପ୍ରତିଶତ ଏରିୟର କରିବା ଏବଂ ୨୯ ଜଣ ଶିକ୍ଷକଙ୍କ ସର୍ଭିସ୍‌ବୁକ୍ କାଗଜପତ୍ର ଭୁବନେଶ୍ୱର ଏଜି ଅଫିସକୁ ପଠାଇବା ପାଇଁ ବିଇଓ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନ୍ତର୍ଯାମୀ ବେହେରା ଟଙ୍କା ଦାବି କରିଥିଲେ। ଏହି ଘଟଣା ନେଇ ଅବସପ୍ରାପ୍ତ ଶିକ୍ଷକଙ୍କ ପକ୍ଷରୁ ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଅବସପ୍ରାପ୍ତ ଶିକ୍ଷକ ପ୍ରଭାତ ମହାପାତ୍ର ୧୦ ହଜାର ଟଙ୍କା ଧରି ବିଇଓ ବେହେରାଙ୍କ ଘରକୁ ଯାଇଥିଲେ। ୨୦୨୨ ମାର୍ଚ୍ଚ ୨ ରେ ବିଇଓ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଟଙ୍କା ନେଉଥିବା ସମୟରେ ରାୟଗଡ଼ା ଭିଜାଲାନ୍ସ ଟିମ୍ ସେଠାରେ ପହଞ୍ଚି ଲାଞ୍ଚ ଟଙ୍କା ଜବତ କରିବା ସହ ବିଇଓ ବେହେରାଙ୍କୁ ଗିରଫ କରିଥିଲେ। ଏଥିସହ ତାଙ୍କ ନିକଟରୁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଭିଜିଲାନ୍ସ ଟିମ୍ ଜବତ କରିଥିଲେ। ରାୟଗଡ଼ା ଡିଏସ୍‌ପି ସୁରେନ୍ଦ୍ର ନାଥ ରାଇଗୁରଙ୍କ ଅଧକ୍ଷତାରେ ଭିଜିଲାନ୍ସ ଟିମ୍ ଗୁଣପୁର ଆସି ଚଢ଼ାଉ କରିଥିଲେ। ଭିଜିଲାନ୍ସ ଥାନା କେସ୍ ନଂ.୪/୨୦୨୨ କ୍ରମେ ବିଇଓ ବେହେରାଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା।

# ଚୋରି ମାମଲାରେ ୬ ଗିରଫ

ଲକ୍ଷ୍ମୀପୁର, ୧୦।୪ (ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଭିତରଗଡ ଗ୍ରାମର ମଧୁମାଳିଙ୍କ ଘରୁ ଗତ ୩୦ ତାରିଖ ରାତିରେ ୬ଭରି ସୁନାଗହଣା,୧୦ ହଜାର ଟଙ୍କା ଚୋରି ହୋଇଥିଲା। ଏନେଇ ମଧୁ କାକିରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୪/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରିଥିଲେ। ଏସ୍‌ପି ଅଭିନବ ସୋନକର ମଧ ସେତେବେଳେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏବେ ଏହି ମାମଲାର ପର୍ଦ୍ଦାଫାଶ ହୋଇଛି। ପୋଲିସ ନାରାୟଣାପାଟଣା ଅଞ୍ଚଳରୁ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁକୁରୁ ନାଗବଂଶୀ (୩୦), ଅସିଓ ବାଘବଂଶୀ (୫୦), ରାଜେନ୍ଦ୍ର ନାଗବଂଶୀ(୨୧), ତ୍ରିପାଳ ପୂଜାରୀ (୩୭), ଡମ୍ବୁ ନାୟକ (୨୦) ଓ ଅରେଖ ନାୟକ(୩୦)। ସେମାନଙ୍କଠାରୁ ୩ ସୁନା ଲକେଟ୍ ଏବଂ ଅଳ୍ପ କିଛି ସୁନାମାଳି, ନଗଦ ୨ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ ଜଣ ନାରାୟଣପାଟଣା ଥାନା ଅଞ୍ଚଳର ହୋଇଥିବା ବେଳେ ୨ଜଣ ଭିତରଗଡ ଅଞ୍ଚଳର ଏବଂ ଅନ୍ୟ ଜଣେ ଦାମନଯୋଡ଼ି ଥାନା ଅନ୍ତର୍ଗତ ତେରେଗାଁର ବୋଲି ଜଣାପଡ଼ିଛି। ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମ୍ବୁରୁଧର ବାତ୍ରିଆ କହିଛନ୍ତି।


ଗିରଫ ଅଭିଯୁକ୍ତମାନେ।

# ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ନାରାୟଣପାଟଣା, ୧୦।୪ (ରାଜକିଶୋର ଜେନା )

ପବିତ୍ର ଉଗାଦି ଉପଲକ୍ଷେ ଚଳିତବର୍ଷ ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ବୁଢ଼ୀ ଠାକୁରାଣୀ ଓ ମାଁ ଚୈତ୍ରାଇଙ୍କ ଘଟଯାତ୍ରା ଆୟୋଜନ ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତହସିଲଦାର ସଙ୍ଗୀତା ସେନ୍ ଅଧକ୍ଷତା କରିଥିଲେ। ଚଳିତ ବର୍ଷ କିପରି ଶାନ୍ତିଶୃଙ୍ଖଳାରେ ଯାତ୍ରା ଆୟୋଜନ କରାଯିବ ସେନେଇ ସ୍ଥାନୀୟ ଗ୍ରାମବାସୀ , ବୁଦ୍ଧିଜୀବୀ, ମନ୍ଦିର ପୂଜା କମିଟି ସଦସ୍ୟ, ମନ୍ଦିର ପୂଜକ, ଆୟୋଜକ ଓ ରାଜସ୍ୱ ନିରୀକ୍ଷକଙ୍କ ସହ ତହସିଲଦାର ସେନ୍ ଆଲୋଚନା କରିଥିଲେ। ଗତବର୍ଷ ଯାତ୍ରାର ଆୟ ବ୍ୟୟର ହିସାବ ଯାତ୍ରା କମିଟି ସମ୍ପାଦକ ଏସ୍. ଶ୍ରୀନାଥ ଉପସ୍ଥାପନ କରିଥିଲେ। ସମସ୍ତଙ୍କ ନିଷ୍ପତ୍ତି ଅନୁସାରେ ଚଳିତ ମାସ ୨୨ ତାରିଖରେ ବୁଢ଼ୀ ଠାକୁରାଣୀଙ୍କୁ ଗ୍ରାମବାସୀ ଗ୍ରାମ ପୂଜା ପାଇଁ ଅସ୍ଥାୟୀ ମଣ୍ଡପକୁ ଆଣିବେ। ୨୯ତାରିଖରେ ରାଜାଙ୍କ ଆରାଧ ଦେବୀ ମାଁ ଚୋଡ୍ରାଇଙ୍କୁ ବନ୍ଦାପନା କରି ଅଣାଯାଇ ୧ ତାରିଖରେ ମେଲଣ କରାଯିବ। ଏଥିପାଇଁ ପୋଲିସ ଓ ପ୍ରଶାସନର ସହଯୋଗ ସହ ସ୍ଥାନୀୟ ପୂଜା କମିଟି ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲା । ଗତବର୍ଷର ଆୟୋଜକ କମିଟି ଚଳିତ ବର୍ଷ ମଧ୍ୟ ଯାତ୍ରା ଆୟୋଜନ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।

# ୯୬ ନିର୍ବାଚନ ଅଧିକାରୀଙ୍କୁ ପ୍ରଶିକ୍ଷଣ


ଅଧିକାରୀମାନେ ପ୍ରଶିକ୍ଷଣ ନେଉଛନ୍ତି।

ନନ୍ଦପୁର, ୧୦।୪ (ଶଙ୍କର ପୂଜାରୀ)

୨୦୨୪ ସାଧାରଣ ନିର୍ବାଚନ ପରିଚାଳନା ଲାଗି କୋରାପୁଟ ଜିଲା ନନ୍ଦପୁର ବ୍ଲକ୍‌ର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୯୬ଜଣ କର୍ମଚାରୀ ବୁଧବାର ଶେଷ ପର୍ଯ୍ୟାୟ ପ୍ରଶିକ୍ଷଣ ନେଇଥିଲେ। ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ୨ଟି ସ୍ମାର୍ଟ କ୍ଲାସ୍‌ରେ ଦୁଇଟି ପ୍ରଶିକ୍ଷଣ କେନ୍ଦ୍ର କରାଯାଇ ୨୨ ଜଣ ପ୍ରିଜାଇଡିଂ ଅଫିସର, ୧୫ ଜଣ ପ୍ରଥମ ପୋଲିଂ, ୧୩ଜଣ ଦ୍ୱିତୀୟ ୧୮ ଜଣ ତୃତୀୟ, ୧୩ ଜଣ ଚତୁର୍ଥ ଓ ୧୭ଜଣ ୫ମ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ରରେ ମୁଖ୍ୟ ପ୍ରଶିକ୍ଷକ ଭାବେ ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ କୁମାର ପରିଡ଼ା ପ୍ରଶିକ୍ଷଣ ଦେଇଥିବା ବେଳେ ଅନ୍ୟଟିରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ଓ ଜିପିଇଓ ବେଦାନ୍ତ ମାଝି ପ୍ରଶିକ୍ଷଣ ଦେଇଥିଲେ।

# ବ୍ଲକ୍‌ରେ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ନେଇ ଦାବିପତ୍ର


ଆମ୍ବେଡକର ପ୍ରେମୀ ଯୁବକମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

ଦଶମନ୍ତପୁର, ୧୦।୪ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ସମ୍ବିଧାନ ପ୍ରତିଷ୍ଠାତା ଡ. ଭୀମରାଓ ଆମ୍ବଡକରଙ୍କ ଜୟନ୍ତୀ ପାଳନ କରାଯାଉ ନ ଥିବା ନେଇ ଆମ୍ବେଡକର ପ୍ରେମୀ ଯୁବକଙ୍କ ପକ୍ଷରୁ ବିଡିଓ ମିଲନ ଝାଙ୍କରଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଆମ୍ବେଡକରଙ୍କ ଜୟନ୍ତୀ ପ୍ରତ୍ୟେକ ସ୍ଥାନରେ ପାଳନ କରାଯାଉଥିବା ବେଳେ ଦଶମନ୍ତପୁର ବ୍ଲକରେ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନାହିଁ। ସାମାଜିକ କର୍ମୀ ରାଜୁ ବାଗଙ୍କ ନେତୃତ୍ୱରେ ଅଞ୍ଚଳର କଇନ ଗରଡ଼ା, ବିପିନ ଖସଲା, ପଦମନ ଜାନି, ରଞ୍ଜିତ ଖୁରା, ବିରଞ୍ଚି ବାଘ, କୁନା ନାୟକ, କିଶୋର ନାୟକ, ହାବିଲ ଡଙ୍ଗ୍ରି, ଧନୁ ଜାନି, ତପନ ମହାନନ୍ଦିଆ, ମନୁ ବାଘ, ଶରତ ଖୋସ୍ଲା ଏନେଇ ଦାବିପତ୍ର ଦେଇଥିଲେ। ଏ ସମ୍ପର୍କରେ ବିଡିଓ ଝାଙ୍କର କହିଛନ୍ତି, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ହେଲେ ଏହି ବ୍ଲକର ପ୍ରତ୍ୟେକ ଅନୁଷ୍ଠାନ, ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯିବ। ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି ସଭା

ଜୟପୁର,୧୦।୪(ପବନ ପାଣିଗ୍ରାହୀ)

ଜୟପୁର ବାବାସାହେବ କଲ୍ୟାଣ ମଣ୍ଡପଠାରେ କୋରାପୁଟ ଜିଲା କଂଗ୍ରେସ କମିଟି ସଭାପତି ଶଶୀ ଭୂଷଣ ପାତ୍ରଙ୍କ ଅଧକ୍ଷତାରେ କୋରାପୁଟ ଲୋକସଭାସ୍ତରୀୟ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇସିସିର କୋରାପୁଟ ଲୋକସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଡ଼ାଲବି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ସମସ୍ତ ବିଧାୟକ ପ୍ରାର୍ଥୀ ଉପସ୍ଥିତ ଥିଲେ। ୨୦୨୪ ସାଧାରଣ ନିର୍ବାଚନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ, ଦେବେନ୍ଦ୍ର ବାହିନୀପତି, ବିନୋଦ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ଲକ୍ ସଭାପତିଙ୍କ ନାମ ଘୋଷଣା କଲା ପିସିସି

ଜୟପୁର,୧୦।୪(ପବନ ପାଣିଗ୍ରାହୀ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ପକ୍ଷରୁ କୋରାପୁଟ ଜିଲା ପାଇଁ ନୂତନ ଭାବେ ଜିଲା କମିଟିର ନୂତନ କର୍ମକର୍ତ୍ତା ଓ ବ୍ଲକ୍ ସଭାପତିଙ୍କ ନାମ ଘୋଷଣା କରାଯାଇଥିବା ଜଣାପଡ଼ିଛି। ଏନେଇ ପିସିସିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ନୂତନ କମିଟିକୁ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ସ୍ୱୀକୃତି ଦେଇଥିବା ସମ୍ପର୍କରେ କୋରାପୁଟ ଜିଲା ସଭାପତି ଶଶିଭୂଷଣ ପାତ୍ରଙ୍କୁ ଅବଗତ କରାଇଛନ୍ତି। ଉକ୍ତ କମିଟିରେ ୧୧ ଜଣ ଉପ ସଭାପତି, ୨୧ ଜଣ ସାଧାରଣ ସମ୍ପାଦକ, ୩୬ ଜଣ ସମ୍ପାଦକ, ୪ ଜଣ କାର୍ଯ୍ୟକାରିଣୀ ସଭ୍ୟ, ଡିସିସିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରହିଛନ୍ତି । କମିଟିରେ ଉପସଭାପତି ଭାବେ ଦେବେନ୍ଦ୍ର ବାହିନୀପତି, ଜିତେନ୍ଦ୍ର ନାଥ ମହାପାତ୍ର, ପି.ରମେଶ ପାତ୍ର, କାନ୍ତ ପାଢ଼ୀ, ଅଜିତ୍ ସାନ୍ତ୍ରା, ତ୍ରିନାଥ ତ୍ରିପାଠୀ, ଶୁକ୍ର ଖରା, ଶାମ୍ଭ ପାଙ୍ଗୀ, ବ୍ରଜ ବେନିଆ, ପବିତ୍ର ସାଉନ୍ତା, ମଣି ପଟ୍ଟନାୟକଙ୍କୁ ରଖାଯାଇଛି। ସାଧାରଣ ସମ୍ପାଦକ ରୂପେ ତାରିଣୀ ପାଣିଗ୍ରାହୀ, ନୃସିଂହନାଥ ଶତପଥୀ, ସୁକାନ୍ତ ପଟ୍ଟନାୟକ, ଅର୍ଜୁନ ବାଙ୍କା, କାମେଶ କାମୁଡ଼ି, ସୋମନାଥ ମୁଦୁଲି, ସତ୍ୟନାରାୟଣ ମହାନ୍ତି, ପି.ପ୍ରସାଦ, ଗୋପାଳ ମାଟାମ, କାର୍ତ୍ତିକ ମହାନନ୍ଦିଆ, ମୋହନ ପାତ୍ର ହିଆଲ, ମନୋଜ ହିଆଲ, ରାମନାଥ ବିଶୋୟୀ, ନରସିଂହ ପ୍ରସାଦ ବ୍ରହ୍ମା, ଅଶୋକ କନ୍ଦପାନ, ବସନ୍ତ ତ୍ରିପାଠୀ, ରମେଶ ଖରା, ଅଶୋକ ପଣ୍ଡା, ଭରତ ରାଜୁ, କାମେଶ ରାଜୁଲୁ, ପ୍ରମୋଦ ନାଗଙ୍କୁ ନିଆଯାଇଛି। ସେହିପରି ଜିଲା କଂଗ୍ରେସର ସମ୍ପାଦକ ଭାବେ କେ.ସୁଧାକର, ମୋହନ ଗୌଡ଼, ସାଧୁ ଚରଣ ଦାସ ଚୌଧୁରୀ, ଲକ୍ଷ୍ମୀନାରାୟଣ ପାଢ଼ୀ, ଭାସ୍କର ପଟ୍ଟନାୟକ, ସେକ୍ ଦାଉଦ, ଧନପତି ଶିଶା, ସୀମାଞ୍ଚଳ ନାୟକ, ସୁବାସ ପାଙ୍ଗୀ, ସୋମନାଥ ବାଟମ୍, ରାମଦାସ ଖିଲ, ଜଗନ୍ତ୍ରୀ ଖିନଗୁଡ଼ି, ସାଧୁ ବାଙ୍କା, କମୁଲୁ ଧଡ଼କା, ସାନ ବାଙ୍କା, ପ୍ରଶାନ୍ତ କର, ଦିଲୀପ ଖୋସଲା, ଲାଣ୍ଟାଗଡ଼ ଜାପାନ, ବିଜୟ ଖୋସଲା, ଜି.ବିଜୟ ରାଓ, ମିଲିଗୁରୁ ଖରା, ଜଗନ୍ନାଥ ବିଶୋୟୀ, ନାଗେଶ ରାଓ ନିମଲାପୁରୀ, ଆଶାଲତା ଖରା, ବନମାଳୀ ବାଘ, ସୁନମା କନ୍ଦପାନ, ରାଧାକୃଷ୍ଣ ପାଡ଼ିକା, ଲକ୍ଷ୍ମଣ ବିଶୋୟୀ, ସତିଶ ପାଡିକା, ସୁବାସ ସେବତୀ, ଶକ୍ତିଧର ନାୟାର, ସତ୍ୟ ପାଣିଗ୍ରାହୀ, ସୁରେନ୍ଦ୍ର ପରଜା, ଅମିର ମାଛ, ରାମଚନ୍ଦ୍ର ପାଙ୍ଗୀ, ନିନିଗୁରୁ ଖରାଙ୍କୁ ରଖାଯାଇଛି। କାର୍ଯ୍ୟକାରିଣୀ ସଭ୍ୟ ସୁବାସ ପଣ୍ଡା, ଗିରୀଶ ପାଣିଗ୍ରାହୀ, ଗିଲି ଶିଶା, ଅବକାଶ ପାଣିଗ୍ରାହୀଙ୍କୁ ନିଆଯାଇଛି । ସେହିଭଳି ଡିସିସିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରୂପେ କେ. କ୍ରିଷ୍ଣପ୍ରସାଦ ଦୋରା, ଦୁର୍ଗା ଶର୍ମା, ହରି ମଲ୍ଲିକ, ମଦନ ନାୟକ, କୃଷ୍ଣ ନେପାକ, ସୀମା ମହାନ୍ତି, ଗୁପ୍ତ ମହାନ୍ତିଙ୍କ ସହ ସମସ୍ତ ଜିଲା ସେଲ୍ ଅଧ୍ୟକ୍ଷ, ସମସ୍ତ ବ୍ଲକ ସଭାପତି, ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି, ମହିଳା କଂଗ୍ରେସ ସଭାପତି, ସେବା ଦଳ, ଛାତ୍ର କଂଗ୍ରେସ ସଭାପତିଙ୍କୁ ନିଆଯାଇଛି । ଜିଲା କଂଗ୍ରେସ କମିଟି ସହ ଉକ୍ତ ପତ୍ରରେ କେତେଜଣ ବ୍ଲକ ସଭାପତିଙ୍କ ନାମ ରହିଛି । କୋଟପାଡ ବ୍ଲକ ପାଇଁ ସଭାପତି ଭାବେ ମନୋହର ବିଶୋୟୀ, କୁନ୍ଦୁରା ପାଇଁ ଗୋକୁଳ ପଟ୍ଟନାୟକ, ନନ୍ଦପୁର ବ୍ଲକ ପାଇଁ ଦେବେନ୍ଦ୍ର ଖେମୁଣ୍ଡୁ ଏବଂ ପଟ୍ଟାଙ୍ଗୀ ବ୍ଲକ ସଭାପତି ରୂପେ ଗୁପ୍ତଶଙ୍କର ପଟ୍ଟନାୟକଙ୍କ ନାମ ରହିଥିବା ବେଳେ ସୁନାବେଡ଼ା ନଗର ସଭାପତି ରୂପେ ଦେବେନ୍ କୁଳଦୀପଙ୍କ ନାମ ଘୋଷଣା କରାଯାଇଛି।

# ଦ୍ୱିତୀୟ ଦିନରେ ସାହି ପରିକ୍ରମା କଲେ ମା'

**ବାଟମଙ୍ଗଳା ଠାକୁରାଣୀ ନବଦିନ ଘଟଯାତ୍ରା**

କୋରାପୁଟ,୧୦।୪(ସ୍ୱ.ପ୍ର.)


ସାହି ପରିକ୍ରମା କରୁଛନ୍ତି ମା' ବାଟମଙ୍ଗଳା।

କୋରାପୁଟ ସହରରେ ଶ୍ରୀଶ୍ରୀ ବାଟମଙ୍ଗଳା ଠାକୁରାଣୀଙ୍କ ଚୈତ୍ର ନବଦିନ ଘଟଯାତ୍ରା ଆନନ୍ଦଉଲ୍ଲାସର ସହ ଚାଲିଛି। ଏଥିପାଇଁ କୋରାପୁଟ ସହର ଚଳଚଞ୍ଚଳ ହୋଇଉଠିଛି। ବୁଧବାର ମା' ଦ୍ୱିତୀୟ ଦିନରେ ମଧ ସାହି ପରିକ୍ରମା କରିଛନ୍ତି। ଅପରାହ୍ନ ୫ଟାରୁ କୋରାପୁଟ ସହରର ଅମଳାକୁଟିର ଲାଇନରେ ଥିବା ମାଙ୍କ ଅସ୍ଥାୟୀ ମଣ୍ଡପରୁ ମାଙ୍କ ଘଟ ବାହାରି ସହରର ରଥଶର୍ମା କୋଲନୀ, ସିଡିଭିଓ କୋଲନୀ, ଗୋପନଗର, ହାତୀଲାଇନ, ଜେଲ କୋଲନୀ ଆଦି ସାହି ପରିକ୍ରମା କରି ଶ୍ରଦ୍ଧାଳୁଙ୍କଠାରୁ ନଡିଆ, କଦଳୀ ଆଦି ଗ୍ରହଣ କରି ଆଶିଷ ପ୍ରଦାନ କରିଛନ୍ତି। ପୂଜା କମିଟି ସଭାପତି ଅଭିମନ୍ୟୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ନବଦୀନ ଘଟ ଯାତ୍ରାରେ ମନ୍ଦିରର ମୁଖ୍ୟ ପୂଜକ ସିମାଞ୍ଚଳ ମହାପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସାହି ପରିକ୍ରମାରେ ସାମିଲ ହୋଇଥିଲେ। ପୂଜା କମିଟି ଦ୍ୱାରା ପୂର୍ବରୁ ମା'ଙ୍କ ଘଟ କେଉଁ ଦିନ କେଉଁ ସାହି ପରିକ୍ରମା କରିବ ସେ ନେଇ ସ୍ଥିର ହୋଇଛି। ଯାତ୍ରା ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। କାରଣ ଏହିସମୟରେ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କଲେ ସେମାନଙ୍କ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ମା'ଙ୍କ ନିକଟରେ କୌଣସି ସମସ୍ୟା ଜଣାଇଲେ ମା' ଏହାର ସମାଧାନ କରିଥାନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି । ସୂଚନାଯୋଗ୍ୟ, ପ୍ରତି ବର୍ଷ ଚୈତ୍ର ମାସରେ ମା'ଙ୍କ ଏହି ନବଦିନାତ୍ମକ ଘଟଯାତ୍ରା ଅନୁଷ୍ଠିତ ହୋଇଥାଏ। ପୂଜା କମିଟି ମାସେ ପୂର୍ବରୁ ଏନେଇ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ସହରର ଅମଳାକୁଟିର ରୋଡଠାରେ ଥିବା ମା'ଙ୍କ ଅସ୍ଥାୟୀ ମଣ୍ଡପକୁ ସୁନ୍ଦର ଭାବେ ସଜା ହୋଇଥାଏ । ସୋମବାର ସନ୍ଧ୍ୟା ୭ଟାରେ ମା' ବାଟମଙ୍ଗଳାଙ୍କୁ ସ୍ଥାୟୀ ମନ୍ଦିରରୁ ଆବାହନ କରାଯାଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ସେହିପରି ମଙ୍ଗଳବାର ମା'ଙ୍କ ସାହି ପରିକ୍ରମା ଆରମ୍ଭ ହୋଇ ବିଭିନ୍ନ ସାହି ପରିକ୍ରମା କରିଥିଲେ।

## ସଂକ୍ଷେପରେ

### ହିନ୍ଦୁ ନବବର୍ଷ ପାଳିତ



**କୋଷାଗୁମୁଡ଼ା, ୧୦।୪(ପ୍ରସାଦ ବିଷୋୟୀ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଖେଳ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ସ୍ୱାଭିମାନ ଭାରତ ଜିଲା ସଂଯୋଜକ ସୁବ୍ରତ ମିଶ୍ର, ସ୍ୱାଭିମାନ ଭାରତ ଜିଲା ଯୁବ ସଂଯୋଜକ ଶାଶ୍ୱତ ରଞ୍ଜନ ପୁରୋହିତ, କୋଷାଗୁମୁଡ଼ା ଆର୍‌ଏସ୍‌ଏସ୍ ଖଣ୍ଡ ଚାଳକ ଭୀମସେନ ପ୍ରଧାନୀ ମଞ୍ଚାସୀନ ଥିଲେ । ଅତିଥିମାନେ ଭାରତମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଳା ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ରାଷ୍ଟ୍ରୀୟ ନବବର୍ଷ ପାଳନର ଐତିହ୍ୟ ଓ ଆଧ୍ୟାତ୍ମିକ ଦିଗ ସମ୍ପର୍କରେ ସେମାନେ ବୁଝାଇଥିଲେ । ଆର୍‌ଏସ୍‌ଏସ୍ ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡ୍‌ଗେୱାରଙ୍କ ଜନ୍ମତିଥି ଥିବାରୁ ତାଙ୍କୁ ସଂଘ ଚାଳକ ପକ୍ଷରୁ ପ୍ରଣାମ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଧାର୍ମିକ ଅନୁଷ୍ଠାନ, ଯୁବଗୋଷ୍ଠୀ, ସ୍ଥାନୀୟ ଅଞ୍ଚଳର ମହିଳା ଯୁବତୀ ଯୋଗଦେଇଥିଲେ । ବ୍ଲକର କୋଡ଼ିଙ୍ଗା, କର୍ଚ୍ଚାମାଳ, ବଜ୍ରଗଡ଼, ମାଳିଆଟିଗାଁ, ବଡ଼ଆମ୍ବଡା, ହରଣ୍ଡୁଳି, ଘୋଡା ଧନୁଆ, ଖାଡ଼ସେମଳା ଅଞ୍ଚଳରେ ମଧ୍ୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି ।

### ଖାଦ୍ୟରେ ମିଶୁଛି ରାସାୟନିକ ଦ୍ରବ୍ୟ

**ବୁଗୁଡା, ୧୦।୪(କାଳିଚରଣ ଦାଶ)**

ଆରମ୍ଭ ହୋଇ ଗଲାଣି ଦଣ୍ଡଯାତ୍ରା ପର୍ବ। ଖୋଲା ମେଲାରେ ପଡିଲାଣି ମାଳମାଳ ଖାଦ୍ୟ ସାମଗ୍ରୀର ପସରା। କେବଳ ଗ୍ରାମାଞ୍ଚଳରେ ନୁହେଁ, ବୁଗୁଡ଼ା ସହରରେ ମଧ୍ୟ ଠେଲା ଗାଡିଠାରୁ ଆରମ୍ଭ କରି ଅନେକ ଦୋକାନରେ ଫାଷ୍ଟଫୁଡ୍ ଓ ଦୂଷିତ ଜଳ ବିକ୍ରି ହେଉଛି। ବିନା ଲାଇସେନ୍ସରେ ରାସ୍ତା କଡ଼ରେ ବିକ୍ରି ହେଉଥିଲେ ବି ଖାଦ୍ୟର ମାନ ଯାଞ୍ଚ ହେଉନାହିଁ। ନାଳ ନର୍ଦ୍ଦମା କଡେ ଅସ୍ୱାସ୍ଥ୍ୟକର ପରିବେଶରେ ଦହିବରା, ଆଳୁଦମ୍, ଗୁପଚୁପ, ଚାଟ୍, ଦୋସା, ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ୍ ଖାଦ୍ୟକୁ ଘୋଡାଇ ରଖା ଯାଉନାହିଁ। ରାସ୍ତାରେ ଉଡୁଥିବା ଧୂଳି ଏହା ଉପରେ ପଡୁଛି। ତେଣୁ ଏସବୁ ଖାଦ୍ୟ ଏକ ପ୍ରକାର ବିଷାକ୍ତ ହୋଇପଡୁଛି। ଏହି ପଦାର୍ଥକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଏମାନଙ୍କ କାରବାର ଏବେ ବ୍ୟାପକ ହୋଇଛି। ଆଗାମୀ ଦିନରେ ଏହା ଜଣ୍ଡିସ୍ ସାଙ୍ଗକୁ ଅନ୍ୟାନ୍ୟ ରୋଗକୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ ବୁଗୁଡ଼ା ସହରକୁ ବିଭିନ୍ନ କାମରେ ଆସୁଥିବା ବେଳେ ଏହି ଫାଷ୍ଟଫୁଡକୁ ଆଦରି ନେଉଛନ୍ତି। ଖାଲି ସେତିକି ନୁହେଁ ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଉଥିବା ବିଭିନ୍ନ କୃତ୍ରିମ ରଙ୍ଗ ସାଙ୍ଗକୁ ଚାଇନା ସଲଟ୍, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଭକ୍ଷଣ କରିବା ଫଳରେ ନାନା ରୋଗର କାରଣ ପାଲଟିଛି।

# ନିର୍ବାଚନ ପ୍ରସଙ୍ଗରେ ଜିଲାର ଶିକ୍ଷା ବ୍ୟବସ୍ଥା

**ନବରଙ୍ଗପୁର,୧୦।୪ (ସଦାଶିବ ପ୍ରହରାଜ)**

■ସରକାରୀ ମହାବିଦ୍ୟାଳୟ, ପିଜି ବିଏଡ୍ ପାଠ୍ୟକ୍ରମ ନ ଥିବା କଥା କହି ବିରୋଧୀଙ୍କ ଭୋଟଭିକ୍ଷା

■ସ୍କୁଲ ରୂପାନ୍ତରଣ ନେଇ ଭୋଟରଙ୍କ ନିକଟତର ହେଉଛି ବିଜେଡି

ଆସୁଛି ସାଧାରଣ ନିର୍ବାଚନ। ବିଭିନ୍ନ ଦଳର ପ୍ରାର୍ଥୀମାନେ ଅନେକ ପ୍ରସଙ୍ଗକୁ ନେଇ ଭୋଟରଙ୍କ ପାଖରେ ପହଞ୍ଚୁଛନ୍ତି। ଶାସକ ଦଳ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକୁ ନିର୍ବାଚନ ପ୍ରସଙ୍ଗ କରୁଛି। ଚଳିତ ବର୍ଷ ନବରଙ୍ଗପୁରର ଶିକ୍ଷା ବ୍ୟବସ୍ଥା ୩ ପ୍ରମୁଖ ଦଳର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ନବରଙ୍ଗପୁର ଜିଲାରେ ଶିକ୍ଷା ବ୍ୟବସ୍ଥାକୁ ବିରୋଧୀ କରିବେ ନିର୍ବାଚନ ପ୍ରସଙ୍ଗ। ଏବେ ପର୍ଯ୍ୟନ୍ତ ଜିଲାରେ ସରକାରୀ ମହାବିଦ୍ୟାଳୟ ନାହିଁ। ସେହିଭଳି ଏଠାରେ ବିଏଡ୍ କିମ୍ବା ପିଜି ପାଠ୍ୟକ୍ରମ ନ ଥିବାରୁ ବିରୋଧୀ ଏହାକୁ ନିର୍ବାଚନ ପ୍ରସଙ୍ଗ କରିବେ।

ଜିଲା ଗଠନକୁ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ଜିଲାରେ ସରକାରୀ ମହାବିଦ୍ୟାଳୟ ଟିଏ ନାହିଁ। ଜିଲାର ସର୍ବ ପୁରାତନ ବିନୋଦ ଝା ମହାବିଦ୍ୟାଳୟ ପ୍ରତିଷ୍ଠାର ୫୪ ବର୍ଷ ପରେ ମଧ୍ୟ ସରକାରୀ ମାନ୍ୟତା ପାଇଲା ନାହିଁ। ଜିଲାରେ ଉଚ୍ଚ ଶିକ୍ଷା ବ୍ୟବସ୍ଥା ପିଜି ପାଠ୍ୟକ୍ରମ ସୁବିଧା ନାହିଁ। ବିଏଡ୍ କଲେଜ ପାଇଁ ଭିତ୍ତିଭୂମି ତିଆରି କରାଗଲା। କୋଭିଡ୍ ସମୟରେ ସେଠାରେ କୋଭିଡ୍ ଚିକିତ୍ସା କେନ୍ଦ୍ର କରାଗଲା। ପରେ ଆଉ ବିଏଡ୍ ଶିକ୍ଷା ବ୍ୟବସ୍ଥା ଉଭେଇ ଗଲା। ଜିଲାରେ ବିଏଡ୍ ପାଠ୍ୟକ୍ରମ ଆରମ୍ଭ ହେଲେ ୫୦ ପ୍ରତିଶତ ନବରଙ୍ଗପୁର ଛତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷିତ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଏବେ ଜିଲାବାସୀଙ୍କ ସେହି ସ୍ୱପ୍ନ ମଉଳି ଯାଇଛି। ନବରଙ୍ଗପୁର ଭଳି ଅନୁସୂଚିତ ଜାତି ଜନଜାତି ବହୁଳ ଅଞ୍ଚଳ ଉଚ୍ଚ ଶିକ୍ଷାରେ ବହୁତ ପଛରେ। ଖର୍ଚ୍ଚାନ୍ତ ହୋଇ ଜିଲା ବାହାରକୁ ପଢିବା ପାଇଁ ଛାତ୍ରୀଛାତ୍ର ଯାଉଛନ୍ତି। ଅନ୍ୟପକ୍ଷରେ ଆର୍ଥିକ ସକ୍ଷମ ନ ଥିବା ଗରିବ ଛାତ୍ରୀଛାତ୍ର ପିଜି ବିଏଡ୍ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଫଳରେ ସେମାନେ ଚଳିବା ପାଇଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ରାଜ୍ୟସ୍ତରୀୟ ନିଯୁକ୍ତି ବ୍ୟବସ୍ଥା ସରକାର କରିଥିବାରୁ ନବରଙ୍ଗପୁର ଭଳି ପଛୁଆ ଜିଲାର ଶିକ୍ଷିତ ଯୁବତୀ ଯୁବକ ନିଯୁକ୍ତି ପାଇ ପାରୁ ନାହାନ୍ତି। ଉଚ୍ଚ ଶିକ୍ଷା ବ୍ୟବସ୍ଥା ନାହିଁ ଓ ନିଯୁକ୍ତି ସୁଯୋଗ ମିଳୁ ନାହିଁ। ଏହାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ନିର୍ବାଚନ ପ୍ରସଙ୍ଗ କରିବେ। ବିଜେଡି ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ରୂପାନ୍ତରଣ, ମହାବିଦ୍ୟାଳୟ ଭିତ୍ତିଭୂମି ବିକାଶକୁ ନେଇ ଭୋଟରଙ୍କ ପାଖକୁ ପହଞ୍ଚୁଛି। ଜିଲାରେ ସ୍କୁଲ ରୂପାନ୍ତରଣ ପରେ ସରକାରୀ ବିଦ୍ୟାଳୟରେ ପିଲାମାନେ କିଭଳି ବେସରକାରୀ ବିଦ୍ୟାଳୟ ଭଳି ସୁବିଧା ପାଉଛନ୍ତି ସେ ସମ୍ପର୍କରେ ଶାସକ ଦଳ ଲୋକଙ୍କୁ ଜଣାଇ ଭୋଟରଙ୍କ ନିକଟତର ହେଉଛି।

# ଅବକାରୀ ଚଢ଼ାଉ, ଜଣେ ଗିରଫ



ଅବକାରୀ ଅଧିକାରୀମାନେ ଧରିଥିବା ଅଟୋ।

**ଡାବୁଗାଁ, ୧୦।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ର ଓ ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଡାବୁଗାଁ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ବୁଧବାର ପାଟ୍ରୋଲିଂ ଓ ଚଢ଼ାଉ କରାଯାଇଛି। ଏଥିରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ସଲିମଧର ମାଝି (୨୪)।

ଅବକାରୀ ଟିମ୍ ବଡନୀ ଗ୍ରାମକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଟୋ (ଓଡି-୨୪ବି-୭୬୩୩)କୁ ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ଅଟୋରୁ ୧୮ ବସ୍ତା ମହୁଲ ମିଳିଥିଲା। ପ୍ରତି ବସ୍ତାରେ ୪୦ କିଲୋ ଓଜନର ମହୁଲ ଥିଲା। ଅବକାରୀ ଟିମ୍ ଅଟୋ ଚାଳକ ସଲିମଧରଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ରଞ୍ଜୁଲତା ବାରିକଙ୍କ ତତ୍ତ୍ୱାବଧାନରେ ଡାବୁଗାଁ ଅବକାରୀ ୟୁପିଏ ନିରୀକ୍ଷକ ବୁଲୁ ପାତ୍ର, ସହ ଉପନିରୀକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଅବକାରୀ କର୍ମଚାରୀ ସୁରେଖା ଭତ୍ରା, ନାରାୟଣ ମୁଦୁଲି ଓ ଶ୍ରୀକାନ୍ତ ବିଷୋୟୀ ପ୍ରମୁଖ ସାମିଲ ଥିଲେ। ଏନେଇ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ୍ ନଂ. ୬/ ୨୪-୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ସୀମାନ୍ତ ଗ୍ରାମରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ଲକ୍ଷ୍ୟ



ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିବା ପୋଲିସ ଅଧିକାରୀ।

**ଡାବୁଗାଁ, ୧୦।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)**

## ସିଂସାରିରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ପକ୍ଷରୁ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଧବାର ସିଂସାରି ଓ ତୋରେଙ୍ଗା ଗ୍ରାମରେ ବୁଧବାର ଅପରାହ୍ନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏଥିରେ ଡାବୁଗାଁ ଆଇଆଇସି ସୁନୀଲ କୁମାର ପ୍ରଧାନ, ସିଂସାରି ଫାଣ୍ଡି ଅଧିକାରୀ ଶିଶିରକାନ୍ତ ଘୋଷ ଓ ସିଆର୍‌ପିଏଫ୍ ବାହିନୀ ଯୋଗଦେଇଥିଲେ। ଡାବୁଗାଁ ଥାନାର ୨ ପଞ୍ଚାୟତ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ସୀମାକୁ ଲାଗିଛି। ସୀମାନ୍ତ ଗ୍ରାମଗୁଡିକରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ପୋଲିସର ଏହିସବୁ ପ୍ରୟାସ ଜାରି ରହିବ ବୋଲି ଡାବୁଗାଁ ଥାନା ଆଇଆଇସି ସୂଚନା ଦେଇଛନ୍ତି।

# ବାଘ, ହାତୀ ଆତଙ୍କରେ ଲୋକେ ଭୟଭୀତ

**ଭଞ୍ଜନଗର, ୧୦।୪(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ପ୍ରାୟ ୩ମାସ ହେବ ବାଘ ଆତଙ୍କ ଲାଗିରହିଛି। ବାଘ କିଛି ଦିନ ବ୍ୟବଧାନରେ କେଉଁଠି ନା କେଉଁଠି ଗୃହପାଳିତ ପଶୁ କିମ୍ବା ଜଙ୍ଗଲ ପଶୁକୁ ଆକ୍ରମଣ କରୁଛି। କେତେକ ଘଟଣା ଲୋକ ଲୋଚନକୁ ଆସୁଥିବା ବେଳେ ଆଉ କିଛି ଲୋକ ଲୋଚନକୁ ଆସୁନାହିଁ। ଯେଉଁ ଘଟଣା ଲୋକଲୋଚନକୁ ଆସୁଛି ସମ୍ପୃକ୍ତ ଅଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶନିବାର ରାତିରେ ବାଘ ଦିବିରିସିଙ୍ଗିରେ ଏକ ଗାଈକୁ ଆକ୍ରମଣ କରି ମାରି ଖାଇବାରେ ବିଫଳ ହୋଇଥିଲା। ଏହାପରେ ସେଠାରୁ ୧୦ କିମି ଦୂରରେ ଏକ ବାଛୁରୀକୁ ଆକ୍ରମଣ କରିଥିଲା। ଅପରପକ୍ଷେ ଦିବିରିସିଙ୍ଗି ଗ୍ରାମବାସୀ ଏହି ଘଟଣାକୁ ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହିଭଳି ହାତୀ ମଧ୍ୟ ଆଜକୁ କିଛିମାସ ହେବ ଜଙ୍ଗଲରୁ ବାହାରି ବିଭିନ୍ନ ଅଞ୍ଚଳରେ ଫସଲ କ୍ଷତି କରୁଛି। ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁ ବାଘ ଓ ହାତୀ ଗାଁମୁହାଁ ହୋଇଥିବା ଅନୁମାନ କରାଯାଉଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି ଘନଘନ ବୈଠକ କରି ପରିସ୍ଥିତି ସମୀକ୍ଷା କରୁଛନ୍ତି। ଏଥିସହ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଉମରକୋଟ, ୧୦।୪(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ନିକଟସ୍ଥ ଦର୍ଗାଗୁଡ଼ାରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଆଣ୍ଡ ୱେଲନେସ୍ କେନ୍ଦ୍ର ପକ୍ଷରୁ ପୌର ପରିଷଦସ୍ଥିତ କୁସୁମଗୁଡ଼ାରେ ଏକ ଅଣ ସଂକ୍ରାମକ ରୋଗ ଚିହ୍ନଟ ଶିବିର କରାଯାଇଛି। ଏହି ଶିବିରରେ ହାଇପର ଟେନ୍‌ସନ, ଡାଇବେଟିସ ଓ ଅନ୍ୟ ରୋଗ ଥିବା ୧୨୦ ଜଣଙ୍କର ଚିକିତ୍ସା କରାଯାଇଥିଲା। ଉକ୍ତ ଶିବିରରେ ଡାକ୍ତର ଉତ୍ସବ ମିଶ୍ର, ଫାର୍ମାସିଷ୍ଟ ଉତ୍ପଳ ଦେବନାଥ, ହିସାବ ରକ୍ଷକ ଯଷ୍ଟିନ ରାଜ, ଲାବ୍ ଟେକ୍ନିସିଆନ ଶୁଭାଶିଷ ପ୍ରଧାନ, ଏଏନ୍‌ଏମ୍ ସିପ୍ରା ମଲ୍ଲିକ, ଆଶା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ମଦନ ଦ୍ୱିତୀୟ




ମଦନ ମୁରିଆ ପୁରସ୍କାର ଗ୍ରହଣ କରୁଛନ୍ତି।

**କୋଷାଗୁମୁଡ଼ା, ୧୦।୪(ପ୍ରସାଦ ବିଷୋୟୀ)**

## ମାଝିଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ସଫଳତା

ରାଜ୍ୟସ୍ତରୀୟ ଓଡ଼ିଶା ବିଜ୍ଞାନ ଏକାଡେମୀରେ ଅନୁଷ୍ଠିତ ଦୁଇଦିନିଆ ବିଜ୍ଞାନ ମେଳାରେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ମାଝିଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ର ମଦନ ମୁରିଆ ଏବଂ ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। ସେଠାରେ ସେମାନେ ମଦନ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପଛରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କ ହାତ ରହିଛି ବୋଲି ସେ କହିଛନ୍ତି। ସେ ପୂର୍ବରୁ ମଧ୍ୟ ଏହିପରି ଅନେକ ସଫଳତା ପାଇଛନ୍ତି। ମାଝିଧନୁଆ ଭଳି ଏକ ଆଦିବାସୀ ଅନୁସୂଚିତ ଜନଜାତି ଅଞ୍ଚଳର ଚାଷୀଙ୍କ ପୁଅ ମଦନଙ୍କ ସଫଳତା ପରେ ଡିଇଓ ଛତ୍ରପତି ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ଏଡିଇଓ ରେଶମଲାଲ ନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ କୋଷାଗୁମୁଡ଼ା ବିଇଓ, ମାଝିଧନୁଆ ସରପଞ୍ଚ ଏବଂ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମନ୍ଦିର ପରିସରରୁ ୨ ଅହିରାଜ ଉଦ୍ଧାର

**ପାତ୍ରପୁର, ୧୦।୪(ଉମାଚରଣ ନେପାକ)**

ପାତ୍ରପୁର ବ୍ଲକ ଜରଡ଼ା ପଞ୍ଚାୟତ ଅଭୟପୁର ଗ୍ରାମରୁ ବୁଧବାର ୨ ଟି ଅହିରାଜ ସାପ ଉଦ୍ଧାର ହୋଇଛି। ବନ ବିଭାଗ ଓ ସ୍ନେକ ହେଲ୍ପଲାଇନର ଟିମ ମିଳିତ ଭାବେ ଏହି ଉଦ୍ଧାର କାର୍ଯ୍ୟ କରିଥିଲେ। ଗ୍ରାମରେ ଥିବା ବାଣେଶ୍ୱର ଶିବ ମନ୍ଦିର ପରିସରରେ ଦୁଇଟି ବିରାଟ ସାପ ଲଢେଇ କରୁଥିବା ଲୋକେ ଦେଖିଥିଲେ। ଏହାପରେ ସେମାନେ ସାମନ୍ତିଆପଲ୍ଲୀ ବନ ବିଭାଗକୁ ଯୋଗାଯୋଗ କରିଥିଲେ। ବନପାଳ ଅଭିନାଶ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏକଘଣ୍ଟାର ପରିଶ୍ରମ ପରେ କୌଶଳକ୍ରମେ ୨ ଟି ଅହିରାଜ ସାପକୁ ଉଦ୍ଧାର କରାଯାଇଥିଲା। ସାପକୁ ଜଙ୍ଗଲରେ ଛଡାଯାଇଥିବା ବନାଞ୍ଚଳ ଅଧିକାରୀ ମନୋଜ ପାତ୍ର କହିଛନ୍ତି।

# ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା

**ତେନ୍ତୁଳିଖୁଣ୍ଟି, ୧୦।୪(ଚିଦାନନ୍ଦ ସାହୁ)**

## ପୂଜାରୀଗୁଡ଼ାରେ କଂଗ୍ରେସ ବୈଠକ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ କମିଟି ତରଫରୁ ଆଗାମୀ ନିର୍ବାଚନ ପ୍ରଚାର ପ୍ରସାର ଓ ପରିଚାଳନା ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲଙ୍କ ସଭାପତିତ୍ୱରେ ଏହି ବୈଠକ ପୂଜାରୀଗୁଡ଼ାରେ ଅନୁଷ୍ଠିତ ହୋଇଛି। ବୈଠକରେ ୨୧ ଜଣିଆ ପ୍ରଚାର କମିଟି ଗଠନ କରାଯାଇଛିD। ଏଥିରେ ବ୍ଲକ କଂଗ୍ରେସ ସଭାପତି ହିଆଲ ଅଧକ୍ଷଭାବେ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦିକା ପି. ନାଗ ରତ୍ନମା, ଦ୍ୱାରିକା ମହାପାତ୍ର, ଭୀମସେନ ପାଣିଗ୍ରାହୀ, ବସନ୍ତ ପାଣିଗ୍ରାହୀ, କିଶୋର ସିଂ, ସୁଧୀର ସୁନା, ଅନୁରଞ୍ଜନ ହିଆଲ୍, ଭାସ୍କର ସୁନା, ପଙ୍କଜ ଖୁରା, ଜୟଚନ୍ଦ୍ର ଦଂଗ୍ରି, ବିଶ୍ୱନାଥ ସିଂ, ସୁନିଲ ସିଂ, ବିଜୟ ଖୁରା, ବୃନ୍ଦାବନ ବିଷୋୟୀ, ବ୍ରଜ ସୁନା, ଦୁର୍ଲଭ ଗୌଡ଼, ପ୍ରଦୀପ ନାୟକ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ୧୮ ଏପ୍ରିଲ ଗୁରୁବାର ଦିନ ଏକ ବିରାଟ ସାଧାରଣ ସଭା ପୂଜାରିଗୁଡ଼ାରେ କରାଯାଇ ପ୍ରଚାର ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବ୍ଲକ ର ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଆଲୋଚନା ଚାଲିଛି।

# ନାମ ସଂକୀର୍ତ୍ତନ, ପୂଜାପାଠରେ କମ୍ପୁଛି ତାରିଣୀପୀଠ



ମା' ତାରିଣୀଙ୍କ ପୂଜା ଚାଲିଛି।



ଚଇତି ଯାତ୍ରା ଅବସରରେ ଚାଲିଥିବା ଆଦିବାସୀ ନାଟ।

**ଉମରକୋଟ, ୧୦।୪(ସନ୍ତୋଷ ଶତପଥୀ)**

## କଳସ ଶୋଭାଯାତ୍ରାରୁ ଚଇତି ପରବ ଆରମ୍ଭ

ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳ ଅନ୍ତର୍ଗତ ବେହେଡ଼ାସ୍ଥିତ ମା' ତାରିଣୀ ମନ୍ଦିରରେ ଚଇତି ପର୍ବ ଆରମ୍ଭ ହୋଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଏହି ଚଇତି ଯାତ୍ରା ୧୪ ତାରିଖରେ ପଣା ସଂକ୍ରାନ୍ତି ଦିନ ଶେଷ ହେବ।

ତେଲ ନଦୀରୁ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ମାନସିକ କରି କଳସଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ମା'ଙ୍କ ଚଇତି ପର୍ବ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ମାନସିକଧାରୀ ମୁଣ୍ଡନ କରନ୍ତି। ବିବାହ, ବ୍ରତୋପନୟନ ଏଠି ବର୍ଷ ସାରା ଚାଲୁ ରହିଥାଏ। ନାମ ସଂକୀର୍ତ୍ତନ, ଆଦିବାସୀ ନାଟ ବଜାର, ପସରା, ଖେଳ ଯୋଗୁ ବହୁ ଦୂରରୁ ଲୋକ ଆସିଥାନ୍ତି। ଚଇତି ପର୍ବ ପାଇଁ ବେହେଡା ତାରିଣୀ ପୀଠ ଚଳଚଞ୍ଚଳ ହୋଇ ପଡିଛି। ଉମରକୋଟ, ରାଇଘର ସମେତ ନବରଙ୍ଗପୁର ଜିଲା ସମେତ ଦୂରଦୂରାନ୍ତ ଅଞ୍ଚଳରୁ ଲୋକଙ୍କ ଭିଡ଼ ଜମିଥାଏ। କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ମଧ୍ୟ କରାଯାଇଛି।

